# ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଶନ ଇନ୍ଦ୍ରଧନୁଷ୍ ଓ କ୍ୱାଲିଟି ଆସ୍ୟୁରାନ୍ସ ବୈଠକ ଆୟୋଜିତ ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅନୁଗୋଳ ଆନୁକୂଲ୍ୟରେ ମିଶନ ଇନ୍ଦ୍ରଧନୁଷ୍ ୫.୦ (ଟୀକାକରଣ)ର ଦ୍ୱିତୀୟ ଜିଲ୍ଲା ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମନ୍ୟୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ମିଶନ ଇନ୍ଦ୍ରଧନୁଷର (ଟୀକାକରଣ କାର୍ଯ୍ୟକ୍ରମ) ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଚଳିତ ମାସ ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ୬୮୨ଟି ଟୀକାକରଣ କ୍ୟାମ୍ପ କରିଆରେ କାର୍ଯ୍ୟକ୍ରମ କରିବାର ଯୋଜନା ରହିଛି । ସେଥିମଧ୍ୟରୁ ୬୧ଟି କ୍ୟାମ୍ପ ଦୁର୍ଗମ ଅଞ୍ଚଳରେ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ମୋଟ ୪,୩୨୬ ଜଣ ହିତାଧିକାରୀଙ୍କୁ ଟୀକା ପ୍ରଦାନର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସେଥିମଧ୍ୟରୁ ୦ ରୁ ୧ ବର୍ଷ ମଧ୍ୟରେ ୧,୮୯୬ ଜଣ ,୧ରୁ ୨ ବର୍ଷ ମଧ୍ୟରେ ୧,୧୭୬ ଜଣ, ୨ରୁ ୫ ବର୍ଷ ମଧ୍ୟରେ ୬୩୩ ଜଣ ଶିଶୁଙ୍କୁ ତଥା ୬୨୧ଜଣ ଗର୍ଭବତୀ ମହିଳାଙ୍କୁ ଟୀକା ପ୍ରଦାନ କରିବା ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରାରମ୍ଭିକ ପ୍ରସ୍ତୁତି ସହ ଆଶା କର୍ମୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅନୁଗୋଳ ଆନୁକୂଲ୍ୟରେ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମନ୍ୟୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପଟ୍ଟନାୟକ ପରିବାର ନିୟୋଜନ ଉପରେ ହେଉଥିବା କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପରିବାର ନିୟୋଜନ ଅସ୍ତ୍ରୋପଚାର ଓ ଏହା ସହ ଜଡିତ ଆନୁସଙ୍ଗୀକ ବିଷୟ ଉପରେ ମଧ୍ୟ ଆଲାଚନା ହୋଇଥିଲା । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉପପରିଚାଳକ ଶ୍ରୀ ସୂର୍ଯ୍ୟପ୍ରତାପ ମହାମାନସିଂ ଜିଲ୍ଲାର ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକର ମାନ ନିର୍ଦ୍ଧାରଣ ପ୍ରମାଣ ପତ୍ର ( କ୍ୱାଲିଟି ସାର୍ଟିଫିକେସନ)ର ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ ଚଳିତ ବର୍ଷ ମୋଟ ୯୮ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ "କାୟାକଳ୍ପ" ମାନ ନିର୍ଦ୍ଧାରଣ ପାଇଁ ଚୟନ ହୋଇଛନ୍ତି । ସେହିପରି ୩୦ ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ "ସୁମନ" ପ୍ରମାଣ ପତ୍ର ପାଇଁ ମନୋନୀତ ହୋଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୨୦ ତା.୦୮.୦୯.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
DIPRO ANGL | 2023.09.08 16:54


COURT OF THE COLLECTOR & DISTRICT MAGISTRATE
ANGUL


COURT OF THE COLLECTOR & DISTRICT MAGISTRATE
ANGUL